## ସଂକ୍ଷେପରେ

### ପୁଅ ଢେଲାମାଡ଼ରେ ବାପ ମୃତ

ପାପଡ଼ାହାଣ୍ଡି,୨୦।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ସତନାମୀ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ଢେଲା ମାଡ଼ରେ ଗୁରୁତର ଥିବା ବାପାଙ୍କର ରବିବାର ମୃତ୍ୟୁ ହୋଇଛି। ସେ ହେଲେ ସତନାମୀ ସାହିର ଅମ୍ରିତ୍ ସତନାମୀ(୫୦)। ସୂଚନା ଅନୁଯାୟୀ, ଅମ୍ରିତ୍ ଏବଂ ପୁଅ ଈଶ୍ୱରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଲାଗି ରହିଥିଲା। ଗୁରୁବାର ଅପରାହ୍ନ ଗୋଟାଏ ବେଳେ ଅମ୍ରିତ୍ ଘର ବାରଣ୍ଡାରେ ବସିଥିବାବେଳେ ବାହାରକୁ ଯାଇଥିବା ବଡ଼ପୁଅ ଈଶ୍ୱର(୨୩) ଘରକୁ ଫେରିଥିଲେ। ଏହି ସମୟରେ ପୁଣି ଉଭୟ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ର ଉତ୍ୟକ୍ତ ଈଶ୍ୱର ବାପାଙ୍କ ମୁଣ୍ଡକୁ ଢେଲା ପଥର ସାହାଯ୍ୟରେ ଆକ୍ରମଣ କରିଥିଲେ। ଏଥିରେ ଅମ୍ରିତ୍ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ରବିବାର ଭୋର ୩ଟା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପୁଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅମ୍ରିତ୍‌ଙ୍କ ସାନପୁଅ ଧନୁଙ୍କ ଏତଲା ଅନୁଯାୟୀ ପାପଡ଼ାହାଣ୍ଡି ପୋଲିସ ବଡ଼ପୁଅ ଈଶ୍ୱରଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ କରିଛି। ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରାମେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ୧୯୬/୨୨ ରେ ଏକ ମାମଲା ରୁଜୁ ହୋଇଛି।

### ସାବରୀମାଲା ଯାତ୍ରାକଲେ ଆୟାପା ଭକ୍ତ

ଉମରକୋଟ,୨୦।୧୧(ସ୍ୱ.ପ୍ର.)- ଉମରକୋଟର ଆୟାପା ଭକ୍ତମାନେ ସାବରୀମାଲା ଯାତ୍ରା ଆରମ୍ଭ କରିଛନ୍ତି। ୪୧ ଦିନ ବ୍ରହ୍ମଚର୍ଯ୍ୟ ପାଳନ ପରେ ରବିବାର ୪୦ ଦୀକ୍ଷାଧାରୀ ଭଗବାନ ଆୟାପ୍ପାଙ୍କୁ ଦର୍ଶନ ପାଇଁ ବାହାରିଛନ୍ତି। ଉମରକୋଟ ସ୍ଥିତ ପେଣ୍ଡ୍ରାଣୀ ମନ୍ଦିରରେ ରାବଣା ଗୁରୁ ସ୍ୱାମୀଙ୍କ



ସହାୟତାରେ ଇରୁମୁଡ଼ି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଇରୁମୁଡ଼ି ପାଇଁ ରବିବାର ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭକ୍ତ ମନସ୍କାମନା କରି ଯେ କୌଣସି ଦୀକ୍ଷାଧାରୀଙ୍କୁ ତିନି ବା ସାତ ମୁଠା ଚାଉଳ ଦେଇଥାନ୍ତି। ସେହି ଚାଉଳ ଓ ଘିଅ ନଡ଼ିଆକୁ ଏକ ନୂଆବସ୍ତ୍ରରେ ବାନ୍ଧି ମୁଣ୍ଡରେ ଧରି ଦୀକ୍ଷାଧାରୀ ମାନେ ଆୟାପ୍ପାଙ୍କ ମନ୍ଦିରକୁ ଯାଇଥାନ୍ତି। ମନ୍ଦିରକୁ ପ୍ରବେଶ କରିବା ପରେ ମୁଣ୍ଡରୁ ଇରୁମୁଡ଼ି ବାହାର କରିଥାନ୍ତି। ଏହି ଅବସରରେ ସମସ୍ତ ଦୀକ୍ଷାଧାରୀ ପେଣ୍ଡ୍ରାଣୀ ମନ୍ଦିରରୁ ଡିଏନକେ ଡାକ ବଙ୍ଗଳା ପର୍ଯ୍ୟନ୍ତ ଚାଲି ଚାଲି ଆସିଥିଲେ। ଉମରକୋଟ ଠାରୁ ବିଶାଖାପାଟଣା ଯାଇ ସେଠାରୁ କେରଳ ସ୍ଥିତ ସାବରୀମାଲା ମନ୍ଦିର ଯିବେ। ରାସ୍ତାରେ ଦୀକ୍ଷାଧାରୀ ମାନଙ୍କୁ ଧୂପଦୀପ ଜାଳି ବିଦାୟ ଦେଇଥିଲେ।

### ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନ ଚେତାବନୀ

ଉମରକୋଟ,୨୦।୧୧(ସ୍ୱ.ପ୍ର.)-ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ୬୬୨ ବର୍ଗ କଲେଜ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ରବିବାର ଜିଲାସ୍ତରୀୟ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ପୂର୍ବରୁ ଏ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ଏହାର ସମର୍ଥନରେ ନବରଙ୍ଗପୁର ଜିଲା ୬୬୨ ବର୍ଗ ସଭାପତି ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଉମରକୋଟ ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ପଞ୍ଚାୟତ ସମିତି କଲେଜ ରାଇଘର, ରାଜଚାଉଁରିୟା କଲେଜ କୋଡ଼ିଙ୍ଗା, ଡାବୁଗାଁ ଭୈରବ ଯୁକ୍ତ ୩ ମହାବିଦ୍ୟାଳୟ, ଚନ୍ଦାହାଣ୍ଡି ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟ, ଝରିଗାଁ ଉଚ୍ଚ ମାଧମିକ ବିଦ୍ୟାଳୟର ସମସ୍ତ ଅଧାପକ ଓ କର୍ମଚାରୀ ଯୋଗଦେଇ ସରକାରଙ୍କ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ନ କରିବା ନେଇ ତୀବ୍ର ନିନ୍ଦା କରାଯାଇଥିଲା। ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ମଧ ଦିଆଯାଇଛି। ବୈଠକରେ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷା ନମିତା ମହାପାତ୍ର ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଜିଲା ସଂଘ କୋଷାଧକ୍ଷ ରମେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ରେରା ନିୟମ ଉଲ୍ଲଂଘନ କରି ଆପାର୍ଟମେଣ୍ଟ

ରାୟଗଡ଼ା ଅଫିସ,୨୦।୧୧

- ଜଳ ନିଷ୍କାସନ, ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଣଦେଖା
- ବୋର୍‌ୱେଲ ଯୋଗୁ ୫ ବର୍ଷରେ ଭୂତଳ ଜଳ ୧.୯୪ ମିଟର ଖସିଛି
- ପୌର ନିର୍ବାହୀ ଅଧିକାରୀଙ୍କ ପାଖରେ ତଥ୍ୟ ନାହିଁ

ରାୟଗଡ଼ା ସହରରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଗୃହ ନିର୍ମାଣ ପାଇଁ ସ୍ଥାନର ଅଭାବ ଦେଖାଦେଇଛି। ଫଳରେ ସହରରେ ଆପାର୍ଟମେଣ୍ଟର ଚାହିଦା ବଢୁଛି। ୫ ବର୍ଷ ମଧ୍ୟରେ ରାୟଗଡ଼ା ସହରରେ ୩୦ରୁ ଊର୍ଦ୍ଧ୍ୱ ଆପାର୍ଟମେଣ୍ଟ ନିର୍ମାଣ ହୋଇଛି। ଏଥିସହ ଏବେ ସହର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆପାର୍ଟମେଣ୍ଟ ନିର୍ମାଣ ଚାଲିଛି। ତେବେ ଅଧିକାଂଶ ସ୍ଥାନରେ ସରକାରୀ ନିୟମ ଉଲ୍ଲଂଘନ ସହ ଆପାର୍ଟମେଣ୍ଟର ସୁରକ୍ଷାକୁ ଅଣଦେଖା କରି ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ସହରରେ ନିର୍ମାଣ ହୋଇଥିବା ଆପାର୍ଟମେଣ୍ଟ ମଧ୍ୟରୁ ଗୋଟିଏରେ ମଧ୍ୟ ରିୟଲ ଇଷ୍ଟେଟ୍ ରେଗୁଲେଟରି ଅଥରିଟି(ରେରା) ଆଇନ ପାଳନ କରାଯାଉ ନ ଥିବା ଦୃଷ୍ଟିକୁ ଆସିଛି। ଆପାର୍ଟମେଣ୍ଟରେ ଫ୍ଲାଟ୍ କିଣିଥିବା ବ୍ୟକ୍ତି ଭବିଷ୍ୟତରେ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ପରିତାପର ବିଷୟ ହେଲା ରେରା ନିୟମ ଅନୁଯାୟୀ



ସାଇପ୍ରିୟା ନଗର ଠାରେ ନିର୍ମାଣାଧୀନ ଆପାର୍ଟମେଣ୍ଟ।

ଆପାର୍ଟମେଣ୍ଟଗୁଡ଼ିକ ନିର୍ମାଣ ହୋଇଛି କି ନାହିଁ ସେ ବିଷୟରେ ରାୟଗଡ଼ା ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ସୂଚନା ନାହିଁ।

ରେରା ନିୟମକୁ ଉଲ୍ଲଂଘନ କରି ଅନେକ ଆପାର୍ଟମେଣ୍ଟ ସହର ଏବଂ ଏହା ନିକଟବର୍ତ୍ତୀ ଅଞ୍ଚଳରେ ନିର୍ମାଣ କରାଯାଇଛି। ଏଭଳିକି ସମ୍ବେଦନଶୀଳ ସ୍ଥାନରେ ଗୃହ ନିର୍ମାଣ ପୂର୍ବରୁ ସୁରକ୍ଷା ପ୍ରତି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜଣାପଡ଼ିଛି। ପୋଲିସ ଏବଂ ସିଆରପିଏଫ୍ ରହୁଥିବା ଅଞ୍ଚଳରେ ସ୍ୱତନ୍ତ୍ର ନିୟମର ଆବଶ୍ୟକତା ରହିଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଇଛି। ବିନା ଅନୁମତିରେ ଆପାର୍ଟମେଣ୍ଟଗୁଡ଼ିକରେ ଗଭୀର ନଳକୂପ(ବୋରୱେଲ୍) ଖନନ କରାଯାଇଛି। ଗୃହ ନିର୍ମାଣରେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ନ କରି ବୋରୱେଲ ଖନନ ଯୋଗୁ ଗତ ୫ ବର୍ଷ ମଧ୍ୟରେ ସହରର ଜଳସ୍ତର ୧.୯୪ ମିଟର ତଳକୁ ଖସିଥିବା ଭୂତଳ ଜଳ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ରେରା ନିୟମ ୨୦୧୭ ଅନୁଯାୟୀ, ଆପାର୍ଟମେଣ୍ଟ ନିର୍ମାଣ ନିମନ୍ତେ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଜାରି ହୋଇଛି। ଏହା ଅନୁଯାୟୀ ପୌର ପରିଷଦର ଅନୁମତି ଜରୁରୀ। ହେଲେ ରାୟଗଡ଼ାରେ ଅନୁମତି ପ୍ରଦାନ ପୂର୍ବରୁ ନିୟମ ଉଲ୍ଲଂଘନ କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏମିତିକି ଆପାର୍ଟମେଣ୍ଟ ଗୁଡ଼ିକରେ ଜଳ ଯୋଗାଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମଧ୍ୟ ଠିକ୍ ନ ଥିବା ଅଭିଯୋଗ ହେଉଛି। ତେବେ ଆପାର୍ଟମେଣ୍ଟ ନିର୍ମାଣରେ ରେରା ନିୟମ ପାଳନ ଏବଂ ପୌର ପରିଷଦର ଅନୁମତି ନେଇ ରାୟଗଡ଼ା ପୌର ନିର୍ବାହୀ ଅଧିକାରୀ ୟାଶିର୍ ବିଲାଲ ଅହମ୍ମଦଙ୍କୁ ପଚାରିବାରୁ ସେ କହିଛନ୍ତି, ଜୁନ୍-ଜୁଲାଇରେ ତାଙ୍କୁ ଆପାର୍ଟମେଣ୍ଟଗୁଡ଼ିକର ସମସ୍ତ ଅନୁମତି ନଥିପତ୍ର ଏବଂ ଦସ୍ତାବିଜ ହସ୍ତାନ୍ତର କରାଯାଇଛି। ତେଣୁ କେଉଁ ଆପାର୍ଟମେଣ୍ଟ ନିୟମରେ ହୋଇଛି ଏବଂ କେଉଁମାନେ ନିୟମ ଉଲ୍ଲଂଘନ କରିଛନ୍ତି ସେ ବିଷୟରେ ଜାଣି ନ ଥିବା ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସମସ୍ତ ନଥିପତ୍ର ଯାଞ୍ଚ ସହ କ୍ଷେତ୍ର ପରିଦର୍ଶନ କରିବେ। ବିନା ଅନୁମତିରେ କିମ୍ବା ରେରା ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି।

## ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପଲକ୍ଷେ ସାଂସ୍କୃତିକ ପ୍ରତିଯୋଗିତା




ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ, ପୁରାତନ ଛାତ୍ରୀଛାତ୍ର ଏବଂ କମିଟି ସଦସ୍ୟ।

ନବରଙ୍ଗପୁର,୨୦।୧୧(ବି.ପ୍ର.)

**ନବରଙ୍ଗପୁର ମହାବିଦ୍ୟାଳୟ**

ନବରଙ୍ଗପୁର ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ରବିବାର ପୁରାତନ ଛାତ୍ରୀଛାତ୍ରଙ୍କ ଗହଣରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଏକକ ଅଭିନୟ ପ୍ରତିଯୋଗିତା ପରେ ଆଧୁନିକ ଏବଂ ଆଦିବାସୀ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ପରେ ଆଧୁନିକ ଓ ଆଦିବାସୀ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩ ଜଣଙ୍କୁ ମୁଖ୍ୟ ଉତ୍ସବରେ ପୁରସ୍କୃତ କରାଯିବ। ଅଭିନୟ ଓ ଆଧୁନିକ ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରକାଶ ସାମନ୍ତରାୟ, ସୁରେଶ ମିଶ୍ର, ଚନ୍ଦନା ପଣ୍ଡା, ଅଶୋକ ମହାନ୍ତି, ନରସିଂହ ତ୍ରିପାଠୀ କାର୍ଯ୍ୟ ତୁଲାଇଥିବା ବେଳେ ଆଦିବାସୀ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଜ୍ୟୋତି ପରିଚ୍ଛା, ଯୁଗଳ ତ୍ରିପାଠୀ, ଚନ୍ଦନା ପଣ୍ଡା, ପ୍ରକାଶ ସାମନ୍ତରାୟ, ମୁରଲି ପଟ୍ଟନାୟକ, ବାଲାଜୀ କିଶୋର ରାୟ ବିଚାରକ ରହିଥିଲେ।

ସାଂସ୍କୃତିକ କମିଟି ମୁଖ୍ୟ ସୁରେଶ ମହାନ୍ତି ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ସୁରେଶ ମିଶ୍ର, ଚନ୍ଦନା ପଣ୍ଡା, କିଶୋର ପଟ୍ଟନାୟକ, ଦୁର୍ଗା ପ୍ରଧାନ, ସଙ୍ଗୀତା ତ୍ରିପାଠୀ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଦିଲୀପ କୁମାର ହୋତା, ଶମ୍ଭୁ ପ୍ରସାଦ ହୋତା, ଶିବଶଙ୍କର ତ୍ରିପାଠୀ, ପ୍ରକାଶ ସାମନ୍ତରାୟ ଏଥିରେ ସହଯୋଗ କରିଥିଲେ। କୋର୍ କମିଟିର ବିଭିନ୍ନ ସଭ୍ୟଙ୍କ ମଧ୍ୟରେ ସଭାପତି ଗଣେଶ ଦାଶ, ଉପସଭାପତି ପ୍ରଭାକର ପାତ୍ର ଏବଂ ସଙ୍ଗୀତା ତ୍ରିପାଠୀ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଶେଷ କାର୍ଯ୍ୟକ୍ରମ ଢେମସା ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା।

## ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

### ସରକାରୀ ଉପେକ୍ଷା ନେଇ କ୍ଷୋଭ ପ୍ରକାଶ

ଗୁଣପୁର(ଡି.ଏନ୍.ଏ.)/ ରାୟଗଡ଼ା ଅଫିସ,୨୦।୧୧

ରାୟଗଡ଼ା ଜିଲା ଜେକେପୁର ଚାନ୍ଦିଲି ସ୍ଥିତ ଦ୍ୱିଭାଷୀ ଉଚ୍ଚ ବିଦ୍ୟାଳୟରେ ଜିଲାର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ କର୍ମଚାରୀ ସଂଘ ଗଠିତ ହୋଇଯାଇଛି। ବୈଠକରେ ଜିଲାର ସମସ୍ତ ନୂତନ



ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ବ୍ଲକ ଅନୁଦାନ ଉଚ୍ଛେଦ ପରେ ମଧ ବିଭିନ୍ନ ଆଳରେ କରାଯାଉଥିବା ସରକାରୀ ଉପେକ୍ଷା ବିଷୟରେ ଆଲୋଚନା କରାଯାଇଥିଲା। ଦୀର୍ଘଦିନ ହେଲା ରାଜ୍ୟରେ ଓଷ୍ଟା ସଂଘ ସହ ମିଳିତ ଭାବେ ରାଜ୍ୟ ସରକାରଙ୍କ ଏହି ଉପେକ୍ଷା ବିରୋଧରେ ଆଲୋଚନା ଓ ଆନ୍ଦୋଳନ ପରେ ମଧ ସରକାର କରୁଥିବା ଉପେକ୍ଷାକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଉଚ୍ଚତମ ନ୍ୟାୟାଳୟର ଦିଶା ନିର୍ଦ୍ଦେଶ ପରେ ମଧ କର୍ମଚାରୀଙ୍କୁ ଅବସରକାଳୀନ ଲାଭ ଦେବା ନିଷ୍ପତ୍ତିରେ ବିଳମ୍ବ, ସପ୍ତମ ବେତନ ସୁପାରିସରେ କର୍ମଚାରୀଙ୍କୁ ଭତ୍ତା, ଚାକିରି ସର୍ତ୍ତାବଳୀ ଲାଗୁ କରିବା, ଟ୍ରାନ୍ସଫର, ଛୁଟି ଭଳି ସରକାରୀ ସୁବିଧା ପ୍ରଦାନ ଦାବିଗୁଡ଼ିକ ବିଷୟରେ ବିଶଦ ଆଲୋଚନା କରି ସରକାରଙ୍କୁ ପ୍ରତ୍ୟେକ ପଞ୍ଚାୟତରେ ଥିବା ଏହି ଉଚ୍ଚ ବିଦ୍ୟାଳୟଗୁଡ଼ିକର ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ସରକାର ନିଜେ ତାହାର ଦାୟିତ୍ୱ ନେବାକୁ ଦାବି କରାଯାଇଛି। ତୁରନ୍ତ ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ କରା ନ ଗଲେ ପ୍ରତ୍ୟେକ ଜିଲାରେ ଏଭଳି ସଙ୍ଗଠନ କରି ତୃଣମୂଳ ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣମାନଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ,୨୦।୧୧

ଓଏଏସ୍ ପରୀକ୍ଷାରେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରୁ ଉତ୍ତୀର୍ଣ୍ଣ ହୋଇଥିବା ୪ ପ୍ରତିଭାଙ୍କୁ ଜିଲା




କାର୍ଯ୍ୟକ୍ରମରେ ଜିଲାପାଳ ଓ ସମ୍ବର୍ଦ୍ଧିତମାନେ ।

ଅନୁସୂଚିତ ଜାତି ଜନଜାତି ଶିକ୍ଷକ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ୱଧା ଦେବ ସିଂ ଯୋଗଦେଇ ଓଏଏସ୍ ପରୀକ୍ଷାରେ ସଫଳତା ପାଇଥିବା ତପସ୍ୱିନୀ କୁଟ୍ରୁକା, ପୁଷ୍ପାଞ୍ଜଳି କୃଷିକା, ଚନ୍ଦ୍ରଦାସ ମହାନନ୍ଦିଆ ଏବଂ ଦେବେନ୍ଦ୍ର ଶବରଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଉପ ଜିଲାପାଳ ଭୀମସେନ ଶବର, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା ମଞ୍ଚାସୀନ ଥିଲେ।

## ଦିବ୍ୟାଙ୍ଗଙ୍କୁ ରେଳଯାତ୍ରା ରିହାତି ପ୍ରମାଣପତ୍ର ପ୍ରଦାନ ନେଇ ଆଲୋଚନା

ରାୟଗଡ଼ା ଅଫିସ,୨୦।୧୧

**ରେଳଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର**

ଜାତୀୟ ଦୃଷ୍ଟିବାଧିତ ସଂଘ ଓଡ଼ିଶା ଶାଖାର ଅବୈତନିକ ସମାବେଶୀ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର କାମାକ୍ଷୀ ପ୍ରସାଦ ଦାଶଙ୍କ ନେତୃତ୍ୱରେ ରାୟଗଡ଼ା ଭିନ୍ନକ୍ଷମ ମହସଂଘର ସଭାପତି ଶିଶିର ରାଉଳ, ସମ୍ପାଦକ ଅମରେନ୍ଦ୍ର ନାଥ ଏବଂ ସଦସ୍ୟମାନେ ରାୟଗଡ଼ା ରେଳ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ଭିନ୍ନକ୍ଷମଙ୍କ ରେଳଯାତ୍ରା ରିହାତି ପ୍ରମାଣପତ୍ରର ନିୟମ କୋହଳ ନିମନ୍ତେ ଏକ ଦାବିପତ୍ର ବିଶାଖାପାଟଣା ଡିଭିଜନ ସିନିୟର ଡିସିଏମ୍‌ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ନ୍ୟାଶନାଲ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ(ଏନ୍ଏବି)ଓଡ଼ିଶା ଶାଖାର ସମାବେଶୀ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଦାଶ ଏନ୍ଏବି ଓଡ଼ିଶା ପକ୍ଷରୁ ଦିବ୍ୟାଙ୍ଗମାନଙ୍କର ରେଳଯାତ୍ରା ରିହାତି ପ୍ରମାଣପତ୍ରର ଆବଣ୍ଟନ ପ୍ରକ୍ରିୟା ଓ ନିୟମାବଳୀକୁ ଅଧିକ ଲୋକାଭିମୁଖୀ ତଥା ସହଜ କରିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ଭିନ୍ନକ୍ଷମ ଅଧିକାର ଅଧିନିୟମ ଆଇନ ୨୦୧୬ ଅନୁଯାୟୀ, ୪୦% ଭିନ୍ନକ୍ଷମ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଯଥାନୁପାତ ରେଳ ଟିକଟରେ ରିହାତି ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏ ଦିଗରେ ରାୟଗଡ଼ା ରେଳ ଷ୍ଟେଶନ କର୍ତ୍ତୃପକ୍ଷ ସହଯୋଗ କରିଥିବାରୁ ପରିଦର୍ଶକ ମଣ୍ଡଳୀ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂଙ୍କୁ ମଧ୍ୟ ସାକ୍ଷାତ କରି ଦୃଷ୍ଟିବାଧିତ ପିଲାଙ୍କ



ଶିକ୍ଷା ପାଇଁ ଏକ ବ୍ରେଲି ତାଲିମ କେନ୍ଦ୍ର ଆରମ୍ଭ କରିବା ପାଇଁ ନିବେଦନ କରିଥିଲେ। ଏନ୍ଏବିର ଏହି କାର୍ଯ୍ୟକ୍ରମରେ ଆର୍‌ବିଏମ୍ଏସ୍ ମିଳିତ ଭାବରେ କାର୍ଯ୍ୟ କରିବ।

## ବାଲି ଚୋରାଚାଲାଣ, ୧ ଲକ୍ଷ ୨୦ ହଜାର ଜରିମାନା

ରାୟଗଡ଼ା ଅଫିସ,୨୦।୧୧

ରାୟଗଡ଼ା ତହସିଲ ଅଧୀନସ୍ଥ ହାଲୁଆ ପଞ୍ଚାୟତର ଗୁରୁରାଜଗୁଡ଼ା ନଦୀ ବାଲିଘାଟରେ ତହସିଲଦାର ତାପସ ରାଉତ ଅଚାନକ ଚଢ଼ଉ କରିଥିଲେ । ଏହି ସମୟରେ ସେଠାରେ ୬ ଟ୍ରାକ୍ଟର ବେଆଇନ୍ ଭାବେ ବାଲି ଚୋରାଚାଲାଣ କରୁଥିବା ଦେଖିଥିଲେ। ଉକ୍ତ ବାଲିଘାଟ କାହାକୁ ଲିଜ୍ ଦିଆଯାଇ ନ ଥିବା ବେଳେ ସେଠାରୁ ବେଆଇନ ବାଲି ଚାଲାଣ କରାଯାଉଥିଲା ବୋଲି ତହସିଲଦାର କହିଛନ୍ତି। ସେଠାରେ ଧରାପଡ଼ିଥିବା ସମସ୍ତ ୬ ଟ୍ରାକ୍ଟରକୁ ୨୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି । ଚଢ଼ଉ ବେଳେ ତହସିଲଦାର ତାପସ ରାଉତ ଏବଂ ଅତିରିକ୍ତ ତହସିଲଦାର ସୁନୀଲ ଖରାଙ୍କ ସମେତ ପିତାମହଲ, ଗାଜିଗାଁ ଏବଂ ମାଲିଗାଁ ଆର୍ଆଇ, ରାୟଗଡ଼ାର ଅତିରିକ୍ତ ଆର୍ଆଇ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ମଧ୍ୟ ବେଆଇନ ବାଲି ଚାଲାଣକୁ ବରଦାସ୍ତ କରାଯିବ ନାହିଁ ବୋଲି ତହସିଲଦାର କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ଅଂଶୁମାନ୍




@ ପ୍ରଦୀପ



@ ପୁମା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିଷ୍ଟ କରଣ ସଂଘର ବିଭିନ୍ନ ସମସ୍ୟା ନେଇ ଆଲୋଚନା



ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

ନବରଙ୍ଗପୁର,୨୦।୧୧(ବି.ପ୍ର.)

ସ୍ଥାନୀୟ ଆଖଣ୍ଡଳମଣି କଲ୍ୟାଣ ମଣ୍ଡପଠାରେ ଶିଷ୍ଟ କରଣ ସଂଘର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ପ୍ରମିଳା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକକୁ ସମ୍ପାଦକ ମହେଶ୍ୱର ପଟ୍ଟନାୟକ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟ ହର ପ୍ରସାଦ ପଟ୍ଟନାୟକ ଓ ଜଗନ୍ନାଥ ପଟ୍ଟନାୟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରଯାଇଥିଲା। ସେକ୍ରେଟେରୀ ସମ୍ପାଦକୀୟ ବିବରଣୀ ପାଠ କରି ବର୍ଷ ତମାମ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଗୃହକୁ ଅବଗତ କରାଇଥିଲେ।

ସଂଘର ବିଭିନ୍ନ ସମସ୍ୟା ନେଇ ଆଇନଜୀବୀ ତଥା ଉପଦେଷ୍ଟା ଅରବିନ୍ଦ ପଟ୍ଟନାୟକ, କାର୍ଯ୍ୟକାରିଣୀ ସଦସ୍ୟ ରବି ପଟ୍ଟନାୟକ, ପ୍ରସନ୍ନ ପଟ୍ଟନାୟକ, ଜଗଦୀଶ ପଟ୍ଟନାୟକ, ଦନ୍ତେଶ୍ୱର ଦାଶ, ରାମମୂର୍ତ୍ତି ପଟ୍ଟନାୟକ, ସତୀଶ ପଟ୍ଟନାୟକ, ଦାଶରଥି ପଟ୍ଟନାୟକ, ରାବଣା ପଟ୍ଟନାୟକ ପ୍ରମୁଖ ନିଜ ମତ ରଖିଥିଲେ। ଏହି ଅବସରରେ କରଣ ସଂଘର ଦୀର୍ଘ ବର୍ଷର ଉତ୍ସର୍ଗୀକୃତ ସେବା ପାଇଁ ନାରାୟଣ ରାଓ ପଟ୍ଟନାୟକଙ୍କୁ ସଭାପତି ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ସମାଜର ଦୁର୍ବଳ ଶ୍ରେଣୀ ପରିବାରକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ଆଗେଇ ଆସିବା ପାଇଁ ସଭାନେତ୍ରୀ ନିଜ ବକ୍ତବ୍ୟରେ ଅହ୍ୱାନ କରିଥିଲେ। ସଂଘ ନିମନ୍ତେ ଏକ ଜାଗା ଆବଶ୍ୟକ ରହିଥିବା ନେଇ ମଧ ଆଲୋଚନା ହୋଇଥିଲା। ଶେଷରେ ସତ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବୈଠକରେ ବହୁ ସଂଖ୍ୟାରେ ସଂଘର ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

## ଜାନୁୟାରୀ ୨୬ ରୁ ରାଜ୍ୟସ୍ତରୀୟ ବଂଶଧାରା ମହୋତ୍ସବ

ଗୁଣପୁର,୨୦।୧୧(ଡି.ଏନ୍.ଏ.)

ଗୁଣପୁରଠାରେ ରାଜ୍ୟସ୍ତରୀୟ ଏକାଦଶ ବଂଶଧାରା ବସନ୍ତ ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୨୬ ରୁ ମହୋତ୍ସବ ପାଳନ ନିମନ୍ତେ ନିଷ୍ପତ୍ତି ହୋଇଛି। ନବ ନିର୍ମାଣ ସମିତିର ଅଧକ୍ଷ ଅକ୍ଷୟ ଦାସଙ୍କ ଅଧକ୍ଷତାରେ ହୋଇଥିବା କର୍ଯ୍ୟକ୍ରମରେ ଗୁଣପୁର ପୌର ପରିଷଦର ଅଧକ୍ଷା ମମତା ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରତିବର୍ଷ ଯେଉଁ ସ୍ଥାନରେ କାର୍ଯ୍ୟକ୍ରମ ହେଉଥିଲା ହୋଇଛି। ସରସ୍ୱତୀ ପୂଜା ତଥା ଜାନୁୟାରୀ ୨୬ ରୁ ଆଧାତ୍ମିକ କାର୍ଯ୍ୟକ୍ରମରୁ ମହୋତ୍ସବ ଆରମ୍ଭ ପାଇଁ ସ୍ଥିର ହୋଇଛି।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଚଳିତ ବର୍ଷ ସରସ୍ୱତୀ ପୂଜା ମଧ ଆଡମ୍ବର ସହକାରେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ମହୋତ୍ସବ ଆରମ୍ଭ ପୂର୍ବରୁ ଡିସେମ୍ବର ୨୬ରୁ ମେଗା କ୍ରୀଡ଼ା ଉତ୍ସବ ମାସବ୍ୟାପି କରାଯିବାକୁ ସ୍ଥିର ହୋଇଥିବାବେଳେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ମଧ ଆୟୋଜନ କରାଯିବ। ଜାନୁୟାରୀ ୨୫ ରେ ଗଙ୍ଗା ଆବାହନ ଏବଂ କଳସ ଯାତ୍ରା କାର୍ଯ୍ୟକ୍ରମ ହେବ। ୨୮ ରୁ ୫ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଜାନୁୟାରୀ ୨୨ ରେ ରାହାଗିରି ତଥା ପଥୋତ୍ସବ ଅନୁଷ୍ଠିତ ହେବ। ଆବାହକ ତଥା ସମ୍ପାଦକ ରଞ୍ଜିତ ପାଢ଼ି ୧୦ ବର୍ଷ କାର୍ଯ୍ୟକ୍ରମର ଅନୁଭୂତି ପ୍ରକାଶ କରିଥିଲେ। ଉପ ସଭାପତି ଉମାଶଙ୍କର ଦାସ ମଞ୍ଚ ପରିଚାଳନା କରିଥିଲେ। ରମେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରସ୍ତୁତି ବୈଠକରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆଡମ୍ବରରେ ଉତ୍ସବ ପାଳନ ନିମନ୍ତେ ମତ ରଖିଥିଲେ।

## ସଂକ୍ଷେପରେ

### ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ପର୍ବତାରୋହଣ କାର୍ଯ୍ୟକ୍ରମ

ଜୟପୁର,୨୦।୧୧ (ନି.ପ୍ର.)- ଜୟପୁର ତରୁଣ ପ୍ରଜ୍ଞା ଭାରତୀ ତରଫରୁ ନାକଟିଡଙ୍ଗରେ ପର୍ବତାରୋହଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟ,ବିକ୍ରମ ଦେବ ମହାବିଦ୍ୟାଳୟ, କୋରାପୁଟ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅନେକ ମହିଳା ପୁରୁଷଙ୍କ ସହ ୨୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଡ. ଗଙ୍ଗାଧର ନନ୍ଦ, ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା ଓ ନିରଞ୍ଜନ ପାଣିଗ୍ରାହୀ ଶୁଭାରମ୍ଭ କରିଥିଲେ। ଉପସଭାପତି ମୀନକେତନ ଦାଶ, ସବିତା ତ୍ରିପାଠୀ, କେ.ତିରୁପତି ପାତ୍ର, ଅଜୟ ମଲ୍ଲିକ, ରବୀନ୍ଦ୍ର ମହାରଣା, ରୀତାଞ୍ଜଳି ଡାକୁଆ, ଲିପିକା ଦଳେଇ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ହେମନ୍ତ ଚନ୍ଦ, ସୁବାସ ଚନ୍ଦ୍ର ପଣ୍ଡା, ବିମଳକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସଭାପତି ନନ୍ଦ କହିଛନ୍ତି।

### ସର୍ବଭାରତୀୟ ପୋଲିସ ଭାରତୋଳନ ପ୍ରତିଯୋଗିତା
### ରୌପ୍ୟ ପଦକ ହାସଲ କଲେ ଶୁଭସ୍ମିତା



ବୈପାରିଗୁଡା, ୨୦।୧୧ (ଡି.ଏନ୍.ଏ.)- ମହାରାଷ୍ଟ୍ରର ପୁଣେଠାରେ ଗତ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୭୧ ତମ ସର୍ବଭାରତୀୟ ଭାରତୋଳନ ପ୍ରତିଯୋଗିତାରେ ଭାଗନେଇ କୋରାପୁଟ ଜିଲା ବୈପାରିଗୁଡା ବାସିନ୍ଦା ଶୁଭସ୍ମିତା ମହାନ୍ତି ରୌପ୍ୟପଦକ ହାସଲ କରିଛନ୍ତି। ସେ ୧ ଶହ ୭୩ କିଲୋ ଭାରତୋଳନ କରିଥିଲେ। ଶୁଭସ୍ମିତା ସ୍ୱର୍ଗତ ସୁପ୍ରଭାତ ମହାନ୍ତିଙ୍କ ଝିଅ। ପୂର୍ବରୁ ସେ ରାଜ୍ୟଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଭାରତୋଳନରେ ଭାଗନେଇ ବହୁ ପଦକ ହାସଲ କରିଛନ୍ତି। ସେ କୋରାପୁଟ ପୋଲିସ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

### ଦୋକାନ ଛାତ କଣା କରି ଚୋରି

ମାଲକାନଗିରି,୨୦।୧୧ (ଡି.ଏନ.ଏ.) - ମାଲକାନଗିରି ସଦର ମହକୁମା ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ରାହନ ମୋବାଇଲ ଦୋକାନରୁ ଚୋରି ହୋଇଛି। ଶନିବାର



ରାତିରେ କେହି ଦୁର୍ବୃତ୍ତ ଦୋକାନ ଛାତ କଣା କରି ଭିତରେ ପଶି ଚୋରି କରିଛି। ଏହି ସମୟର ଚିତ୍ର ଦୋକାନରେ ଥିବା ସିସିଟିଭିରେ କଏଦ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ଦୋକାନରେ ଥିବା ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରୁଥିବା ଏଥିରୁ ଜଣାପଡିଛି। ଏନେଇ ଦୋକାନ ମାଲିକ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜକୁ ନେଇ ଏହାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଏହି ଦୋକାନରୁ ପୂର୍ବରୁ ମଧ ଦୁଇଥର ଚୋରି ହୋଇଛି। ସେତେବେଳେ ଥାନାରେ ଅଭିଯୋଗ ହୋଇଥିଲେ ମଧ ଏଯାଏ ଚୋରର ଟେର ପାଇନି ପୋଲିସ।

# ଶହୀଦଙ୍କ ମାଟିରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

- ୨୧୨ ପିଲାଙ୍କୁ ୨ ଜଣ ଶିକ୍ଷକ
- ଘରୋଇ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ମାଲିକ କରୁଛନ୍ତି ଶିକ୍ଷକ ନିଯୁକ୍ତି
- ଶିକ୍ଷକ ଅଭାବ ମୁଖ୍ୟ ସମସ୍ୟା: ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ




ଶହୀଦ୍ ଲକ୍ଷ୍ମଣ ନାୟକ ସେବାଶ୍ରମ ବିଦ୍ୟାଳୟ ।

ବୈପାରିଗୁଡା,୨୦।୧୧ (ଡି.ଏନ୍.ଏ.)

ଶହୀଦ୍ ଲକ୍ଷ୍ମଣ ନାୟକ ଦେଶ ପାଇଁ ବଳି ଦେଇଥିଲେ। ମାତ୍ର ତାଙ୍କ ଜନ୍ମମାଟି କୋରାପୁଟ ଜିଲା ବୈପାରିଗୁଡା ବ୍ଲକର ତେନ୍ତୁଳିଗୁମ୍ମାରେ ହୋଇପାରିନି ଶିକ୍ଷାର ବିଶେଷ ବିକାଶ। ଏଠାରେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟରେ ଶିକ୍ଷାବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ତେନ୍ତୁଳିଗୁମ୍ମାରେ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ନାମରେ ନାମିତ ସେବାଶ୍ରମ ବିଦ୍ୟାଳୟ ରହିଛି। ଏଠାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଇବା ସହ ପିଲାଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି। ୨୧୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ବ୍ଲକ ସଦର ମହକୁମାଠାରୁ ପ୍ରାୟ ୭୩ କି.ମି. ଦୂରତାରେ ଥିବା ତେନ୍ତୁଳିଗୁମ୍ମା ବ୍ଲକର ସେବାଶ୍ରମ ବିଦ୍ୟାଳୟକୁ ଯିବାକୁ ହେଲେ ମାଲକାନାଗିରି ଜିଲା ସୀମା ଭିତରେ ପଶି ଯିବାକୁ ପଡେ। ଏହି କାରଣରୁ ଉକ୍ତ ବିଦ୍ୟାଳୟରେ ନିୟୋଜିତ ଶିକ୍ଷକମାନେ ରହିବାକୁ ଇଚ୍ଛା କରନ୍ତି ନାହିଁ। ଏଠାରେ ଯୋଗ ଦେବାର ଅଳ୍ପ ଦିନ ମଧ୍ୟରେ ଯେମିତି ହେଉ ବଦଳି ହୋଇ ଅନ୍ୟତ୍ର ଚାଲିଯାଆନ୍ତି। ପ୍ରାୟ ଅନେକ ସମୟରେ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡେ। ୨୦ ବର୍ଷ ତଳେ ଏଠାରେ ପ୍ରତିଷ୍ଠା ହୋଇଥିବା ଏକ ଘରୋଇ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ମାଲିକଙ୍କ ନିକଟରେ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଲାଗି ଗ୍ରାମବାସୀ ପ୍ରସ୍ତାବ ଦେବାରୁ ସମ୍ପୃକ୍ତ ମାଲିକ ରାଜି ହୋଇ ସେବେଠାରୁ ବିଦ୍ୟାଳୟ କମିଟି ସୁପାରିଶରେ ସମ୍ପୃକ୍ତ କମ୍ପାନୀ ମାଲିକ ଶିକ୍ଷକ ନିୟୋଜିତ କରୁଛନ୍ତି। ସ୍ୱଳ୍ପ ବେତନରେ ନିୟୋଜିତ ଏହି ଶିକ୍ଷକମାନେ ଅଣତାଲିମପ୍ରାପ୍ତ ଏବଂ ଓଟିଇଟିରେ ପାସ କରି ନ ଥାନ୍ତି। ନିଯୁକ୍ତ ଶିକ୍ଷକମାନେ ସେମାନଙ୍କ ଇଚ୍ଛାରେ କାମ କରନ୍ତି। ଅନ୍ୟ କେଉଁଠି ଚାକିରି ମିଳିଲେ ବିଦ୍ୟାଳୟ ଛାଡି ଚାଲିଯାନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ପ୍ରଧାନ ସେବକ ପଦବୀ ଖାଲି ପଡିଛି। ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କୁ ଡେପୁଟେସନ୍‌ରେ ଅନ୍ୟତ୍ର ଯିବାକୁ ନିର୍ଦ୍ଦେଶ ଆସିଛି। ସେ ଚାଲିଗଲେ ଆଉ ରହିବେ ମାତ୍ର ୨ ଜଣ ଶିକ୍ଷକ। ସେମାନଙ୍କ ମଧ୍ୟରୁ ଭାରପ୍ରାପ୍ତ ପ୍ରଧାନ ସେବକ ଅଧିକାଂଶ ସମୟରେ ବୈପାରିଗୁଡା ଅଥବା କୋରାପୁଟକୁ କୌଣସି ଅଫିସ୍ କାର୍ଯ୍ୟରେ ଗଲେ ଜଣେ ଶିକ୍ଷକରେ ପିଲାଙ୍କୁ ପାଠ ପଢାଇବା କଷ୍ଟକର ହୋଇପଡୁଛି। ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ସାବତଙ୍କୁ ପଚାରିବାରୁ ଶିକ୍ଷକ ଅଭାବ ଯୋଗୁ ପାଠ ପଢାଇବାରେ ସମସ୍ୟା ହେଉଥିବା କହିଥିଲେ।

# ଭୁବନେଶ୍ୱର ସମାବେଶରେ ଯୋଗ ଦେବାକୁ ଗଲେ ସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀ




ଭୁବନେଶ୍ୱର ସମାବେଶକୁ ବାହାରିଥିବା ଠିକା କର୍ମଚାରୀ।

ମାଲକାନଗିରି,୨୦।୧୧ (ଡି.ଏନ.ଏ.)

ମାଲକାନଗିରି ଜିଲାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗରେ ଶତାଧିକ ଠିକା କର୍ମଚାରୀ ସୋମବାର ଭୁବନେଶ୍ୱରରେ ହେଉଥିବା ସମାବେଶରେ ଯୋଗ ଦେବାକୁ ସ୍ୱତନ୍ତ୍ର ବସ୍ ଯୋଗେ ମାଲକାନଗିରିରୁ ଯାତ୍ରା ଆରମ୍ଭ କରିଛନ୍ତି। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ଅଧୀନରେ ଜିଲାରେ ଶତାଧିକ ଠିକା କର୍ମଚାରୀ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି କାର୍ଯ୍ୟ କରି ଆସୁଛନ୍ତି। ସରକାର ସେମାନଙ୍କୁ ଅବହେଳା କରି ଦାବି ପୂରଣ କରୁନାହାନ୍ତି। ଗତ ୧୧ରେ ମାଲକାନଗିରି ଜିଲାରେ ଏହି କର୍ମଚାରୀ ମାନେ ଜିଲା ସଦର ମହକୁମାରେ ଏକ ଶୋଭାଯାତ୍ରା କରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏ ପର୍ଯ୍ୟନ୍ତ ସେମାନଙ୍କ ଦାବି ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନେ ଭୁବନେଶ୍ୱରରେ ହେଉଥିବା ସମାବେଶରେ ଯୋଗ ଦେବାପାଇଁ ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ୫୭ ହଜାର ଠିକା କର୍ମଚାରୀଙ୍କୁ ନିୟମିତ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀ ଓ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ରାଜ୍ୟବ୍ୟାପୀ ଏହାର ପ୍ରତିବାଦ କରାଯାଉଛି ବୋଲି ସଭାପତି କେ. ମଣ୍ଟୁ, ଉପସଭାପତି ସଚିନ ଦେବେଗୌଡ, ସମ୍ପାଦକ ଡ. ଅରୁଣ ପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ଡ. ଦୁର୍ଗାପ୍ରସାଦ ରାଜ, ସନ୍ତୋଷୀ ଶାହା, ସୁନିତା ସାହୁ, ଋତୁପର୍ଣ୍ଣା ନାୟକ ପ୍ରମୁଖ କହିଛନ୍ତି।

# ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ କରାଇଲେ ସରପଞ୍ଚ

ମାଥିଲି,୨୦।୧୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟଗୁଡିକ କିପରି ଗ୍ରାମାଞ୍ଚଳର ପ୍ରତି ଘରେ ପହଞ୍ଚିବ ସେଥିପାଇଁ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନଙ୍କୁ ସରକାର ଦାୟିତ୍ୱ ଦେଇଛନ୍ତି। କିପରି ପଞ୍ଚାୟତର ସବୁ ଗ୍ରାମରେ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପରି ମୌଳିକ ସୁବିଧା ପହଞ୍ଚିବ, ସରକାରଙ୍କ ଯୋଜନାଗୁଡ଼ିକ କିପରି କାର୍ଯ୍ୟକାରୀ କରିବେ ସେଥିପାଇଁ ସ୍ଥାନୀୟ ସରପଞ୍ଚମାନେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି। ଏପରି କାର୍ଯ୍ୟ କରି ଦେଖାଉଛନ୍ତି ମାଲକାନଗିରି ଜିଲା ମାଥିଲି ବ୍ଲକ ମେକା ପଞ୍ଚାୟତର ସରପଞ୍ଚ ରଞ୍ଜିତା ପୂଜାରୀ। ସରକାରଙ୍କ ପ୍ରତ୍ୟେକ ଲୋକାଭିମୁଖୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ଉଦ୍ୟମ ଜାରି ରଖିଛନ୍ତି। ସରପଞ୍ଚ ନିର୍ବାଚିତ ହେବା ପରେ ପ୍ରଥମେ ସରକାରୀ ଜାଗା ଜବରଦଖଲ ହଟେଇ ସେସବୁ ସ୍ଥାନରେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ଚିନ୍ତା କଲେ। ସେସବୁ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର, ଖେଳ ପଡିଆ, ସାପ୍ତାହିକ ହାଟ, ବିଦ୍ୟାଳୟ ଓ ଗ୍ରାମ ପୋଖରୀ କରିବାକୁ ସେ ଯୋଜନା କରିଛନ୍ତି। ତେବେ ଜବରଦଖଲରେ ଅଧିକାଂଶ ଜାଗା ଥିବାରୁ ରଞ୍ଜିତା ଏଥିପାଇଁ ମାଥିଲି ତହସିଲଦାରଙ୍କୁ ଏକ ଚିଠି ଲେଖି ସହଯୋଗ ଲୋଡିଥିଲେ। ତହସିଲଦାର ଚିଠି ପାଇବା ପରେ କର୍ମଚାରୀଙ୍କୁ ପଠାଇ ସରପଞ୍ଚ ଓ ପଞ୍ଚାୟତର ବୁଦ୍ଧିଜୀବୀଙ୍କୁ ଡକାଇ ବୈଠକ କରିଥିଲେ। ସେଠାରେ ଜବର ଦଖଲକାରୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ଜବରଦଖଲରୁ ହଟିଯିବାକୁ ସମ୍ମତି ଦେଇଥିଲେ। ପରେ ତହସିଲ କର୍ମଚାରୀମାନେ ଜାଗାସବୁ ମାପଚୁପ କରି ସରକାରୀ ଜାଗା ଚିହ୍ନଟ କରିଥିଲେ। ଫଳରେ ଏବେ ମେକା ପଞ୍ଚାୟତ ବିଜାପଦର ଗ୍ରାମରେ ଖେଳପଡିଆ, ଦାମାପଡାରେ ନୂତନ ପୋଖରୀ ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର ଓ ସାପ୍ତାହିକ ହାଟ ପାଇଁ ଜାଗା ଚିହ୍ନଟ ହୋଇଛି। ମେକାଠାରେ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ହେବ ବୋଲି ସରପଞ୍ଚ ରଞ୍ଜିତା ସୂଚନା ଦେଇଛନ୍ତି।



ସରପଞ୍ଚ ଉନ୍ନୟନ ମୂଳକ କାର୍ଯ୍ୟପାଇଁ ପ୍ରଶାସନର ସହାୟତାରେ ଜାଗା ଚିହ୍ନଟ କରୁଛନ୍ତି ।

### ବିଶ୍ୱ ପାଇଖାନା ଦିବସ

ଦଶମନ୍ତପୁର, ୨୦।୧୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପାଇକଫୁଲ ବେଢ଼ା ପଞ୍ଚାୟତ ଅଧୀନ ଓଡପୁର ଗାଁରେ ଜଳ ଓ ପରିମଳ ମିଶନ ପକ୍ଷରୁ ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି। ବ୍ଲକ ସଂଯୋଜକ ମହେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଅଶୋକ କୁମାର ହୋତା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ଅଲି, ତାଲିମ ଦାତା ସାମୁୟେଲ କନ୍ଦପାନ, ନାଏବ ସରପଞ୍ଚ ପଦ୍ମା ବାଘ, ଅଙ୍ଗନୱାଡ଼ି କର୍ମୀ ବୁରୁରି ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ବାସୀଙ୍କୁ ପାଇଖାନା ବ୍ୟବହାର କରିବା, ଖାଇବା ପୂର୍ବରୁ ହାତ ଧୋଇବା, ପରିବେଶ ସଫାସୁତୁରା ରଖିବା ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଅଙ୍ଗନୱାଡ଼ି ଶିଶୁମାନଙ୍କୁ ହାତ ଧୋଇବା ଶିଖାଯାଇଥିଲା।

### ବର୍ଷେ ଯାଏ ଯକ୍ଷ୍ମା ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଦେବେ ଗୌରଚନ୍ଦ୍ର

କୋରାପୁଟ,୨୦।୧୧(ସ୍ୱ.ପ୍ର.)

ସୁନାବେଡା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ ବରିଷ୍ଠ ସାମାଜିକ କର୍ମୀ ଗୌରଚନ୍ଦ୍ର ରଥ। ଗୌର ଓ ତାଙ୍କ ପରିବାରର ଜୟକୃଷ୍ଣ ରଥ, ମନୋଜ ରଥ, ନିରଞ୍ଜନ ରଥ, ସୁରେଶ ଚନ୍ଦ୍ର ରଥ ଯକ୍ଷ୍ମା ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ୧ ବର୍ଷ ପର୍ଯ୍ୟନ୍ତ ଦେବେ ବୋଲି ଅତିରିକ୍ତ ସ୍ୱାସ୍ଥ୍ୟାଧିକାରୀ (ଯକ୍ଷ୍ମା) ଡାକ୍ତର ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ବର୍ତ୍ତମାନ କୋରାପୁଟ ଜିଲାରେ ୧୩୦୫ ଜଣ ଯକ୍ଷ୍ମାରୋଗରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୦୩୧ ଜଣ ଅତିରିକ୍ତ ସହାୟତା ନେବା ନିମନ୍ତେ ସହମତି ଦେଇଛନ୍ତି।

# ସୁପ୍ରିମକୋର୍ଟଙ୍କ ରାୟ ଉପରେ ଆଲୋଚନା



ଓକିଲ ସଂଘ ବୈଠକରେ ଉପସ୍ଥିତ ଓକିଲମାନେ ଆଲୋଚନା କରୁଛନ୍ତି।

**ଓକିଲ ସଂଘ କୋର କମିଟି ବୈଠକ**

ଜୟପୁର, ୨୦।୧୧ (ନି.ପ୍ର.)– କୋର୍ଟ ବର୍ଜନ କରି ଆନ୍ଦୋଳନ କରୁଥିବା ଓକିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିନେଇ ଜୟପୁର ଓକିଲ ସଂଘ ପକ୍ଷରୁ ପ୍ରତି ମାସର ଶେଷ ୨ ଦିନ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି । ସୁପ୍ରିମକୋର୍ଟଙ୍କ ରାୟ ଉପରେ ଆଲୋଚନା ଲାଗି ଜିଲା ସଂଘ କାର୍ଯ୍ୟାଳୟରେ ରବିବାର ସଂଘର କୋର କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓକିଲ ସଂଘ ସଭାପତି, ସମ୍ପାଦକ ଓ ୧୪ ଜଣିଆ କମିଟି ଉପସ୍ଥିତ ରହି ଆଲୋଚନା କରିଥିଲେ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରୁ ସଂଘ ଓହରିବ ନାହିଁ। କୋର୍ଟ କାର୍ଯ୍ୟ ଜାରି ରହିବା ସହ ଓକିଲଙ୍କ ଦାବି ପାଇଁ ଜାରି ରହିବ। ଏଥିସହ ସୁପ୍ରିମ କୋର୍ଟରେ ଏନେଇ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଆସନ୍ତା ୨୨ରେ ଜିଲା ଓକିଲ ସଂଘର ପୁଣି ଏକ ବୈଠକ ହେବ । ସେଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ନେଇ କିପରି ଆନ୍ଦୋଳନ କରାଯିବ ନିଷ୍ପତ୍ତି ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବୈଠକରେ ସଭାପତି ସରୋଜ ଦାସ, ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଗିରିଧର ଖରାଙ୍ଗ ସହ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କଲେ ବିଧାୟକ

ଜୟପୁର, ୨୦।୧୧ (ନି.ପ୍ର.)

ଜୟପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି । ବ୍ଲକ କାର୍ଯ୍ୟାଳୟରେ ମିଶନ ଶକ୍ତି କାଫେ ଓ ତାଲିମ କେନ୍ଦ୍ରକୁ ବିଧାୟକ ବାହିନୀପତି ଉଦ୍‌ଘାଟନ କରିଥିବା ବେଳେ ଟାଙ୍କୁଆରେ ଫେସିଲିଟି ସେଣ୍ଟର ଓ ମିଶନ ଶକ୍ତି ଷ୍ଟଲ, ଡଙ୍ଗରଛିଞ୍ଚିରେ ମାର୍କେଟ କମ୍ପ୍ଲେକ୍ସ, ମିଶନ ଶକ୍ତି ଷ୍ଟଲ, ବାଲିଆର ପାଲିଗୁଡା କମ୍ୟୁନିଟି ସେଣ୍ଟର, କୁକୁରଖାଲରେ ମାର୍କେଟ କମ୍ପ୍ଲେକ୍ସ, ଘିଉରିରେ କମ୍ୟୁନିଟି ସେଣ୍ଟର, ବଡଜିଉନା ଫେସିଲିଟି ସେଣ୍ଟର, ଧନପୁରରେ କଲ୍ୟାଣମଣ୍ଡପ, ଉମୁରି ହାଇସ୍କୁଲରେ ହୋଇଥିବା ପ୍ରକଳ୍ପ, କୁମୁଲିପୁଟ ମଜୁରାଗୁଡା ହାଇସ୍କୁଲ ପ୍ରକଳ୍ପ , ଜୟନ୍ତିଗିରି କମ୍ୟୁନିଟି ସେଣ୍ଟର, ପୁଜାରିପୁଟ ପାଚେରି ସହ ଫେସିଲିଟି ସେଣ୍ଟରକୁ ବିଧାୟକ ଉଦଘାଟନ କରିଥିଲେ। ଏହି ପ୍ରକଳ୍ପଗୁଡିକ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧକ୍ଷ ତିଲୋତମା ମୁଦୁଲି, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ରଙ୍କ ସହ ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ ।



ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ ।

# ମତ୍ସ୍ୟଚାଷ ତଦାରଖ କଲେ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ

ଏମ୍‌ଭି ୭୯,୨୦।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ଗ୍ରାମର ଜଗତଜନନୀ ଏସ୍‌ଏଚଜି ଗ୍ରୁପ ଅମୃତ ସରୋବର ଯୋଜନାରେ ଋଣ ଆଣି ଏହି ଅର୍ଥର କିପରି ବିନିଯୋଗ କରିଛନ୍ତି ତାହାର ତଦାରଖ କରାଯାଇଛି। ଶନିବାର ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚଢ଼ା, ପି.ଡି. ରତ୍ନାକର ସାହୁ, ଡିପିଏମ୍ ପବିତ୍ର ମୋହନ ବାରହା, ବିଡିଓ ଉମାଶଙ୍କର ଦଳେଇ, ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା ପ୍ରମୁଖ ପହଞ୍ଚି ସମ୍ପୃକ୍ତ ଏସ୍‌ଏଚଜିର କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ତଣ୍ଡାବାଇ ସରପଞ୍ଚ ସତ୍ୟ ମାଡକାମି, ବ୍ୟାଙ୍କ ମିତ୍ର ସୁପ୍ରିୟା ଜେନା ଉପସ୍ଥିତ ଥିଲେ । ଉକ୍ତ ଏସ୍‌ଏଚଜି ଗ୍ରୁପ ୩ ଲକ୍ଷ ୬୦ ହଜାର ଟଙ୍କା ଋଣ ଆଣିଥିଲା। ଏଥିରୁ ସରକାରଙ୍କ ପକ୍ଷରୁ ୨ ଲକ୍ଷ ୨୧ ହଜାର ଟଙ୍କା ସବସିଡି ପ୍ରଦାନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପରି ସହାୟତା ମିଳିଲେ ଭବିଷ୍ୟତରେ ଆହୁରି ଅନେକ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଏସ୍‌ଏଚଜି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।



# ଦମନର ଶ୍ରେୟ ପାଇଁ ଟଣାଓଟରା

ଚିତ୍ରକୋଣ୍ଡା,୨୦।୧୧(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଦମନ ଚଳଚ୍ଚିତ୍ର ଯେତେ ଜନସାଧାରଣରେ ଆଦୃତ ହୋଇ ହେବାରେ ଲାଗିଛି ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରଶଂସାର ଶ୍ରେୟକୁ ନେଇ ସେତେ ବିବାଦ, ଟଣାଓଟରା ଲାଗିରହିଛି। ଦମନର ନକଲି ହିରୋ ସାଜିଥିବା ଡାକ୍ତର ଓଁକାର ହୋତାଙ୍କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଡାକ୍ତର ହୋତା ଦିନେ ହେଲେ ଏହି ଚଳଚ୍ଚିତ୍ର ଟିମ୍‌ରେ କାମ ନ କରି ଦମନକୁ ତାଙ୍କ ବାୟୋପିକ କହି ବିବାଦ ଉଠାଇଛନ୍ତି। ଦମନ ହେଉଛି ମ୍ୟାଲେରିଆ ନିରାକରଣ ଉପରେ ଆଧାରିତ ଏକ ଚଳଚ୍ଚିତ୍ର। ଏଥିପାଇଁ କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ, ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ମହନ୍ତ, ମାଲକାନଗିରି ଅତିରିକ୍ତ ଚିକିତ୍ସା ଅଧିକାରୀ ଧନେଶ୍ୱର ମହାପାତ୍ର, ଜାନବାଇ ସେକ୍ଟରର ପୂର୍ବତନ ସୁପରଭାଇଜର ଚନ୍ଦ୍ରଶେଖର ସ୍ୱାଇଁ, ବର୍ତ୍ତମାନର ସେକ୍ଟର ସୁପରଭାଇଜର ଶଶାଙ୍କ ଶେଖର କର, ବିପିଏମ ହର ପ୍ରସାଦ ତାରିଣୀ, ରବି ଖରା, ଆୟୁଷ ଡାକ୍ତର ଜଗନ୍ନାଥ ପାଢ଼ୀ ଓ ଫାର୍ମାସିଷ୍ଟ ବିଜୟ ମହାରଣାଙ୍କ ଅକ୍ଳାନ୍ତ ଉଦ୍ୟମରେ ଏହି ଚଳଚ୍ଚିତ୍ରଟି ଚିତ୍ରକୋଣ୍ଡା, ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶୁଟିଂ ହୋଇ ନିର୍ମିତ ହୋଇଥିଲା। ଏଥିରେ ତତ୍କାଳୀନ ସିଡିଏମଓ ଉଦୟ ଶଙ୍କର ମିଶ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଣତି ମଣ୍ଡଳ ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଅର୍ଜ୍ଜୁନ ଶିଶାଙ୍କ ଭୂମିକା ମଧ୍ୟ କିଛି କମ ନୁହେଁ। ଏବେ ମଧ ଡାକ୍ତରଙ୍କଠାରୁ ଆରମ୍ଭ କରି ଆଶାକର୍ମୀଙ୍କ ପର୍ଯ୍ୟନ୍ତ କର୍ମଚାରୀ ପ୍ରତି ଗ୍ରାମରେ ଘରେ ମଶାରି ବ୍ୟବହାର ନିମନ୍ତେ ଜନସାଧାରଣଙ୍କୁ ସଚେତନ କରି ଆସୁଛନ୍ତି। ଫଳରେ ମ୍ୟାଲେରିଆ ପ୍ରବଣ ସ୍ୱାଭିମାନ ଅଞ୍ଚଳରେ ପ୍ରାୟ ଅଶୀ ଭାଗ ମ୍ୟାଲେରିଆ ଲୋପ ପାଇଗଲାଣି। କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପାପୁଲୁର ମେଡିକାଲର ଡାକ୍ତର ଓଁକାର ହୋତା ଉକ୍ତ ଚଳଚ୍ଚିତ୍ରରେ କାମ ନ କରି ନିଜେ କାମ କରିଥିବା ନେଇ କାହାଣୀ ବାୟୋପିକ ପ୍ରକାଶ କରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ପଚାରିବା ପାଇଁ ଡାକ୍ତର ହୋତାଙ୍କୁ ତାଙ୍କ ମୋବାଇଲ ନଂ. ୯୪୩୭୦ ୦୦୬୦୦ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।



ସ୍ୱାଭିମାନ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ନେଇ ପୂର୍ବରୁ ହୋଇଥିବା ସ୍ୱାସ୍ଥ୍ୟସେବା ଶିବିରରେ ଜଣେ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

# ଜୈବିକ ପଦ୍ଧତିରେ ଚାଷ ଦେଇଛି ସଫଳତା

ଦଶମନ୍ତପୁର,୨୦।୧୧(ଡି.ଏନ୍.ଏ.)

ଜୈବିକ ପଦ୍ଧତିରେ ଚାଷକରି ଉଦାହରଣ ସୃଷ୍ଟି କରିଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ଗୁଲିମୂଷା ଗ୍ରାମର ଶୋଭା ପ୍ରଧାନୀ। ଏକ୍ଷେତ୍ରରେ ଅଗ୍ରଗାମୀ ସଂସ୍ଥା ତାଙ୍କୁ ସହାୟତା ଯୋଗାଇ ଦେଇଛି। ପୂର୍ବରୁ ରାସାୟନିକ ସାର ବ୍ୟବହାରକରି ଶୋଭା ନିଜ ୫ଏକର ଜମିରେ ବିଭିନ୍ନ ପ୍ରକାର ଚାଷ କରୁଥିଲେ। ଏଥିରେ ସେ ଅଧିକ ଅମଳ କରିବାରେ ବିଫଳ ହୋଇ ଆସୁଥିଲେ। ତାଙ୍କ ପାଖରେ ୨୧ କିସମର ଧାନ ଯଥା କଳା ଚୁଡ଼ି, ସମୁଦ୍ର ବାଲି ଧାନ, ଟିକି ଚୁଡ଼ି, ମୁଣ୍ଡା ଧାନ, ରଙ୍ଗ ଚୁଡ଼ି, ବଲାକ ବ୍ରିଡ୍, ମିର୍ଲି, ଦୁଧ ମିର୍ଲି, ଦେଶୀ ସାରଳା, କଳା ଜିରା, ରତନ ଚୁଡି, ଜୟଜାତି, କରାଣ୍ଡି, କାନ୍ଦୁଲ କାଟି, ଲାଇସାରି, ସାଧା ଲକ୍ଷ୍ମି ମରିଧାନ ଭଳି କିସମର ଧାନ ନିଜ ଜମିରେ ଚାଷ କରି ଆସୁଥିଲେ। ଏ କ୍ଷେତ୍ରରେ ପରିଶ୍ରମ ଅନୁସାରେ ତାଙ୍କୁ ଉତ୍ପାଦନରେ ସୁଫଳ ମିଳୁ ନ ଥିଲା। ଶେଷରେ ଶୋଭା ଚାଷ କାର୍ଯ୍ୟ ଛାଡ଼ିଦେବାକୁ ନିଷ୍ପତ୍ତି ନେଇଥିଲେ। ଏକଦା ୨୦୧୮ରେ ଚାଷୀମାନଙ୍କୁ ନେଇ ଦଶମନ୍ତପୁର ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନ ଅଗ୍ରଗାମୀର ଅତୁଲ ନାୟକ ଗୁଲିମୂଷା ଗ୍ରାମକୁ ଯାଇଥିଲେ। ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରି ୬ ଦିନିଆ ଜୈବିକ ପଦ୍ଧତିରେ ଚାଷ କାର୍ଯ୍ୟ ପାଇଁ ତାଲିମ ଦେଇଥିଲେ। ପରବର୍ତ୍ତୀ ସମୟରେ ଶୋଭା ଅଗ୍ରଗାମୀ ସହାୟତାରେ ଦଶମନ୍ତପୁରଠାରୁ ଆରମ୍ଭକରି କୋରାପୁଟ, ରାୟଗଡ଼ା ପର୍ଯ୍ୟନ୍ତ ଅନୁଷ୍ଠିତ ତାଲିମରେ ଅଂଶଗ୍ରହଣ କରି ତାଲିମ ନେଇଥିଲେ। ପ୍ରଥମେ ସେ ବୈପାରିଗୁଡ଼ାଠାରୁ ୩୫୦ ଟଙ୍କା ଦେଇ ଅଧ କିଲୋ ଜିଆ ଆଣି ଟାଙ୍କି ନିର୍ମାଣ କରି ଖତ ପ୍ରସ୍ତୁତ କଲେ। ପରେ ମିଠା ଖତ ଓ ଜିବାମୃତ ଦ୍ୱାରା ହାଣ୍ଡିଖତ ପ୍ରସ୍ତୁତ କରି ପ୍ରଥମେ ଅଧା ଏକର ଜମିରେ ଜୈବିକ ପଦ୍ଧତିରେ ଚାଷ କରିବା ଆରମ୍ଭ କଲେ। ସେଥିରେ ଜିବାମୃତ ଖତ ଓ ଜିଆଖତ ପକାଇଲେ। ୧୫ଦିନ ପରେ ହାଣ୍ଡିଖତ ବ୍ୟବହାର କଲେ। ଏହି ପ୍ରଣାଳୀରେ ଚାଷକରି ସେ ଭଲ ଫସଲ ଉତ୍ପାଦନ କଲେ। ସେବେଠାରୁ ଶୋଭା ଆଉ ଚାଷରେ ରାସାୟନିକ ସାର ବ୍ୟବହାର କରିନାହାନ୍ତି। ଜୈବିକ ପଦ୍ଧତି ତାଙ୍କ ପାଇଁ ସଫଳତା ଆଣି ଦେଇଛି। ବର୍ତ୍ତମାନ ସେ ଧାନ ସହ ୫ ସେଣ୍ଟ ଜମିରେ ମାଣ୍ଡିଆ ରୁଆ, ଦେଢ଼ ଏକର ଜମିରେ ସୁଆଁ ଚାଷ, ଅଧା ଏକର ଜମିରେ ଅଳସି ଚାଷ, ୨ସେଣ୍ଟ ଜମିରେ ମରିଚ ଚାଷ, ୧ ଏକର ଜମିରେ ମକାଚାଷ, ୩ ସେଣ୍ଟ ଜମିରେ କୋଳଥ ଚାଷ ଏବଂ ୨ ସେଣ୍ଟ ଜମିରେ ବିରି ଚାଷ କରୁଛନ୍ତି। ଏଭଳି ଭାବେ ସେ ଜଣେ ସଫଳ ଚାଷୀ ଭାବେ ପରିଗଣିତ ହେବାକୁ ଲାଗିଲେ । ଅନେକ ସ୍ଥାନରୁ ଚାଷୀମାନେ ଆସି ଶୋଭାଙ୍କ ଠାରୁ ବିଭିନ୍ନ କିସମର ଚାରା ନେଉଥିବା ଦେଖିବାକୁ ମିଳୁଛି।



ନିଜ ଚାଷଜମିରେ ଶୋଭା।

